ଶନିବାର, ୧୨ ଅକ୍ଟୋବର, ୨୦୨୪

# ପିଲାଙ୍କ ଧରିତ୍ରୀ



# ସବୁଠି ସାବଧାନତା ଜରୁରୀ




ଆଜି ପବିତ୍ର ବିଜୟା ଦଶମୀ। ସନ୍ଧ୍ୟାରେ ସପରିବାର ସହିତ ଅମିତ ବାହାରିଥାଏ ମେଢ଼ ଦେଖିବାକୁ। ଅମିତର ମାମୁଁ ବି ତାଙ୍କ ସହିତ ବୁଲି ବାହାରିଥାନ୍ତି। ସହରରେ ଦଶହରା ଦେଖିବାକୁ ମାମୁଁଙ୍କର ବହୁତ ଦିନରୁ ଆଶାଥିଲା। ରଙ୍ଗୀନ ଆଲୋକମାଳାରେ ସଜେଇ ହୋଇଥାଏ ସାରା ସହର। ଭଳିକି ଭଳି ରଙ୍ଗୀନ ତୋରଣ ସାଙ୍ଗକୁ ସୁନା ଆଉ ଚାନ୍ଦିର ମେଢ଼। ଜେଜେ ପଚାରିଲେ ଆରେ ଅମିତ କହିଲୁ ମା ଦୁର୍ଗା ଯୋଉ ରାକ୍ଷସକୁ ବଧ କରିଥିଲେ ତା ନା କଣ ଥିଲା। ଅମିତ ଚଟକି ଉତ୍ତର ଦେଲା ମହିଷାସୁର। ଜେଜେ ପୁଣି ପ୍ରଶ୍ନ କଲେ ହଉ ଏଥର କହିଲୁ ମା ଦୁର୍ଗା ଆଉ କେଉଁ କେଉଁ ରାକ୍ଷସଙ୍କୁ ବଧ କରିଥିଲେ। ଅମିତ ଏଥର ଚୁପ୍ ରହିଲା। ଜେଜେ କହିଲେ ଆରେ ମା ଦୁର୍ଗା ଶୁମ୍ଭ, ନିଶୁମ୍ଭ ନାମକ ଦୁଇ ରାକ୍ଷସ ଭାଇ ଆଉ ରକ୍ତବିଜ ରାକ୍ଷସକୁ ବଧ କରିଥିଲେ। ହଉ ଅମିତ ଏଥର କହିଲୁ ଭଗବାନ ମହେଶ୍ୱର ଆଉ ବିଷ୍ଣୁ ଥାଉ ଥାଉ ମହିଷାସୁରକୁ ମା ଦୁର୍ଗା କାହିଁକି ବଧ କଲେ। ଅମିତ ଏଥର ବି ଚୁପ୍ ରହିଲା। ଜେଜେ କହିଲେ ଆରେ ମହିଷାସୁର ପରା ବର ପାଇଥିଲା କେବଳ ଜଣେ ନାରୀ ହାତରେ ତାର ମୃତ୍ୟୁ ହେବ। ମା ଦୁର୍ଗା ତ୍ରିଶୂଳରେ ମହିଷାସୁରକୁ ବଧ କଲେ ଆଉ ଜାଣିଚୁ ମାଙ୍କ ବାହନ କିଏ। ମା ଯାହା ଉପରେ ବିରାଜମାନ କରିଥାନ୍ତି ସେ ହେଲା ସିଂହ। ଧୀରେ ଧୀରେ ରାସ୍ତାରେ ଭିଡ଼ ବଢୁଥାଏ। ଜେଜେ କହିଲେ ଅମିତ ମୋ କଥାଟି ମନେ ଅଛିତ ସବୁଠି ସାବଧାନତା ଜରୁରୀ। ରାସ୍ତା ପାର୍ଶ୍ୱରେ ଗାଡ଼ି ମଟରକୁ ଲକ୍ଷ୍ୟ ରଖିଥିବୁ। ଆଉ ମୋ ହାତକୁ ଜମାରୁ ଛାଡ଼ିବୁ ନାହିଁ। ଜେଜେଙ୍କ ସବୁ କଥାକୁ ଅମିତ୍ ସୁନପିଲାଙ୍କ ପରି ମାନେ। ବାପା ବୋଉ ଆଉ ମାମୁଁ ଟିକେ ଆଗରେ ଥିଲେ। ଅମିତ ଜେଜେଙ୍କ ହାତ ଧରି ପଛରେ ଆସୁଥାଏ। ଗପସପରେ ପାଞ୍ଚଛଅଟି ମଣ୍ଡପରେ ଦେବୀଙ୍କ ଦର୍ଶନ ସରିଲାଣି।

ମାତ୍ର କିଛି ମିଟର ଦୂରରେ ଆଉ ଗୋଟେ ମଣ୍ଡପ। ସେଠି ସାଜସଜ୍ଜା ଦୂରରୁ ଖୁବ୍ ଆକର୍ଷଣୀୟ ଦିଶୁଥାଏ। ଏଇ ସମୟରେ ଅମିତ କହିଲା ଜେଜେ ଆଗରେ ବହୁତ ଜୋରରେ ଗୀତ ବାଜୁଛି। ସେ ଶବ୍ଦ ଏ ପର୍ଯ୍ୟନ୍ତ କମ୍ପୁଚି, ମତେ ଲାଗୁଛି ସେଠି କାହାରି କଥା କାହାରିକି ଶୁଭିବ ନାହିଁ। ସହଜେ ତୁମେ ତ ହୃଦରୋଗୀ ଆମେ ଚାଲ ଏଇଠୁ ଫେରିଯିବା। ଜେଜେ ବି ଟିକେ କ୍ଳାନ୍ତ ଦିଶୁଥିଲେ। ଏଇ ସମୟରେ ସେ ବାଟରେ ଜଣେ ଅଙ୍କଲ ଫେରୁଥାନ୍ତି। ତାଙ୍କ ଦେହରୁ ଗମଗମ୍ ହେଇ ଝାଳ ବୋହି ଯାଉଥାଏ। ତାଙ୍କ ସହିତ ଥିବା ଆଣ୍ଟି କହୁଥାନ୍ତି ମନା କରୁଥିଲି ଉଚ୍ଚ ଶବ୍ଦ ଆଡ଼େ ନଯିବାକୁ ହେଲେ ମୋ କଥା ମାନିଲ ନାହିଁ। ଘରକୁ ଚାଲ ବିଶ୍ରାମ ନେଇଗଲେ ସବୁ ଠିକ୍ ହେଇଯିବ। ଏଥର ଅମିତ ଜେଜେଙ୍କୁ ଧରି ଘରକୁ ଫେରିଲା। ଜେଜେଙ୍କ ଫୋନରେ ବାପାଙ୍କୁ ମଧ୍ୟ ଜଣେଇ ଦେଲା। ଘରେ ପହଞ୍ଚିବା ପରେ ଅମିତ ଜେଜେଙ୍କ ପାଇଁ ପାଣି ଗିଲାସ ନେଇଆସିଲା। ଫ୍ୟାନ ତଳେ ଜେଜେ ଟିକେ ସମୟ ବସିଲା ପରେ ତାଙ୍କୁ ଭଲ ଲାଗିଲା। ଜେଜେ କହିଲେ ଆମେ ଫେରି ଆସି ଭଲ କରିଚୁ। ଲୋକଗହଳି, ଗାଡ଼ି ମଟର ଧୂଆଁରେ ମତେ ଖୁବ୍ ଅସ୍ତବ୍ୟସ୍ତ ଲାଗୁଥିଲା। ଅମିତ ସଙ୍ଗେ ସଙ୍ଗେ କହିଲା ଜେଜେ ତୁମେ ପରା ମତେ କହିଚ ସବୁଠି ସାବଧାନତା ଜରୁରୀ। ଏ କଥାରେ ଜେଜେ ହସିଲେ ତାଙ୍କ ସହିତ ଅମିତ ବି ହସିଲା। ଘରେ ସମସ୍ତେ ପହଞ୍ଚିବା ପରେ ଜେଜେ ଘଟଣାଟି କହିଲେ। ମାମୁଁ ଅମିତର ପିଠି ଥାପୁଡେଇ ସାବାସି ଦେଲେ।

**– ଦେବେନ୍ଦ୍ର କର**
ମଙ୍ଗଳାବାଗ, କଟକ
ମୋ: ୯୯୩୭୯୬୩୯୧୦

## ଖିଲି ଖିଲି ହସ

ଘରେ ଅଚାନକ ନିଆଁ ଲାଗିବାରୁ ଜଣେ ବ୍ୟକ୍ତି ଫାୟାର ଷ୍ଟେଶନ୍‌କୁ ଫୋନ୍ କଲେ। ଜଲ୍‌ଦି ଆସ ଆମ ଘରେ ନିଆଁ ଲାଗିଯାଇଛି...
ସେପଟୁ ଜବାବ ଆସିଲା– ପାଣି ପକାଅ ପାଣି ...
ବ୍ୟକ୍ତି: ପାଣି ପକାଇଛି, ହେଲେ ଲିଭୁନି।
ଫାୟାର ଷ୍ଟେଶନରୁ ପପୁ କହିଲା– ତେବେ ଆମେ କ'ଣ କରିବୁ ...ଆମେ ବି ତ ସେଇ ପାଣି ପକାଇବୁ ନା !


ଡାକ୍ତର ରୋଗୀକୁ। ତୁମେ କେଉଁ ସାବୁନ ବ୍ୟବହାର କରୁଛ ?
ରୋଗୀ: ବଜରଙ୍ଗୀ ସାବୁନ।
ଡାକ୍ତର: ପେଷ୍ଟ ?
ରୋଗୀ: ବଜରଙ୍ଗୀ ପେଷ୍ଟ।
ଡାକ୍ତର: ଶାମ୍ପୋ ?
ରୋଗୀ: ବଜରଙ୍ଗୀ ଶାମ୍ପୋ।
ଡାକ୍ତର: ଯେ ବଜରଙ୍ଗୀ କମ୍ପାନୀ କେଉଁଠି ଅଛି ?
ରୋଗୀ: ସାର୍, ବଜରଙ୍ଗୀ ମୋ ରୁମ୍‌ମେଟ୍।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ତୁମ ପଢ଼ିବା ପାଇଁ

### ଦ ସେଲ୍‌ଫିସ୍ ସ୍କୁଇରେଲ ଆଣ୍ଡ ଅଦର ଷ୍ଟୋରିଜ




ଗପ ମାଧ୍ୟମରେ ପିଲାଙ୍କୁ ବିଭିନ୍ନ ପ୍ରକାରର ନୀତିଶିକ୍ଷା ଦିଆଯାଇଥାଏ। ନିକଟରେ ପ୍ରକାଶିତ ଇଂଲିଶ୍ ଗଳ୍ପ ସଂକଳନ 'ଦ ସେଲ୍‌ଫିସ୍ ସ୍କୁଇରେଲ ଆଣ୍ଡ ଅଦର ଷ୍ଟୋରିଜ'ରେ ଏଭଳି ପ୍ରୟାସ କରାଯାଇଛି। ଲେଖକ ରମେଶ ଚନ୍ଦ୍ର ଦାଶ ଏହି ସଂକଳନରେ ରଚନା କରିଛନ୍ତି ପିଲାଙ୍କ ମନକୁ ଛୁଇଁଲା ଭଳି ୧୫ଟି ସଚିତ୍ର ଗପ। ସେଗୁଡିକ ମଧ୍ୟରୁ 'ଦ ସେଲ୍‌ଫିସ୍ ସ୍କୁଇରେଲ', 'ଦ ବେଷ୍ଟ ଗିଫ୍ଟ', 'ଦ ରିୟଲ ହିଲର', 'ଥ୍ୟାଙ୍କ୍ ୟୁ ପପୁ' ଏବଂ 'ଇନ୍ ସର୍ଚ୍ଚ ଅଫ୍ ୱେଲ୍‌ଥ' ଆଦି ଗପ ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ବହିଟିର ମୂଲ୍ୟ ରହିଛି ୬୦ ଟଙ୍କା। ଯୋଗାଯୋଗ : ରମେଶ ଚନ୍ଦ୍ର ଦାଶ, ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ–୨, ଓଡ଼ିଶା।

# ଗର୍ବ ଓ ଗୌରବର ପର୍ବ

କୁମାର ପୂର୍ଣ୍ଣିମା ଓଡ଼ିଶାର ଏକ ମହାନ୍ ପର୍ବ। ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପାଳନ ହୁଏ। ଏହିଦିନ ବୈଭବ ଦାୟିନୀ ମା'ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ହୋଇଥାଏ। କୁମାର ପୂର୍ଣ୍ଣିମାରେ କୁଆଁରୀ ଝିଅମାନେ ସୂର୍ଯ୍ୟ, ଚନ୍ଦ୍ର ଓ ତୁଳସୀ ଚଉରାକୁ ପୂଜା କରି ନିଜର ସୁଖ ଓ ସୌଭାଗ୍ୟ କାମନା କରିଥାନ୍ତି। ଏହିଦିନ କୁଆଁରୀମାନେ ସକାଳୁ ଉଠି ସ୍ନାନାଦି କର୍ମ ସାରି ନୂତନ ବସ୍ତ୍ର ପରିଧାନ କରି ସାତ ପ୍ରକାରର ଫଳ ଯଥା– ଜହ୍ନି କଷି, କାକୁଡି କଷି, ପିଜୁଳି କଷି, ଚୋପାଲଗା ଗୋଟା ଗୁଆ, ଚୋପାଲଗା ଶୁଖିଲା ନଡିଆ, କଦଳୀ ଓ ଆଖୁକୁ ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ଆଞ୍ଜୁଳି ପ୍ରଦାନ କରିଥାନ୍ତି। ଆଞ୍ଜୁଳି ଟେକା ପରେ ଦିନସାରା ଅଳ୍ପ କିଛି ସାତ୍ତ୍ୱିକ ଭୋଜନ କରି ବ୍ରତ ରଖିଥାନ୍ତି। ସନ୍ଧ୍ୟା ସମୟରେ କୁଆଁରୀମାନେ ପୁଣି ନୂତନ ବସ୍ତ୍ର ପରିଧାନ କରି ତୁଳସୀ ଚଉରା ମୂଳରେ ଚନ୍ଦ୍ରଙ୍କୁ ପୂଜା କରିଥାନ୍ତି। ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର, କାକୁଡି, ତାଳସଜ, ମହୁ, ଅଦା, ଘିଅ, ଆଖୁ, ଗଜାମୁଗ ଓ ସେଓ ଆଦି ଫଳର ମିଶ୍ରଣରେ ଏକ ଚକଟା ପ୍ରସ୍ତୁତ କରାଯାଇଥାଏ, ଯାହାକୁ ଚାନ୍ଦ ଚକଟା ମଧ୍ୟ କୁହାଯାଏ। ନିଜର ତଥା ପରିବାରର ସୁଖ ସମୃଦ୍ଧି ପାଇଁ ଶଙ୍ଖ ଓ ହୁଳହୁଳି ସହିତ ଚଉରା ଓ ଚନ୍ଦ୍ରକୁ ଦୀପ ଜଳେଇ ବନ୍ଦାପନା କରା ଯାଇଥାଏ। ଯେଉଁ ଘରେ କନ୍ୟା ନ ଥାନ୍ତି, ବିବାହିତା ସ୍ତ୍ରୀଲୋକମାନେ ନିଜ ତଥା ସ୍ୱାମୀଙ୍କ ସୁଖ ସମୃଦ୍ଧି କାମନା କରି ପୂର୍ଣ୍ଣିମା ବିଧି ପୂରା କରିଥାନ୍ତି। ପୂଜା ସରିବା ପରେ ଚାନ୍ଦ ଚକଟା ଓ ମଣ୍ଡାପିଠାର ପ୍ରସାଦ ଖାଇ କୁଆଁରୀମାନେ ବ୍ରତ ଭାଙ୍ଗିଥାନ୍ତି। ଏହାପରେ ରାତିରେ ଝିଅମାନେ ଏକାଠି ହୋଇ ଗୀତ ଗାଆନ୍ତି ଓ ପୁଚି ଖେଳି ହର୍ଷ ଉଲ୍ଲାସରେ ରାତି କାଟନ୍ତି। ଇନ୍ଦୁ ପୂର୍ଣ୍ଣିମାଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କୁଆଁରୀମାନେ ଜହ୍ନିଓଷା କରିଥାନ୍ତି, ଯାହା କୁମାର ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ। ଏହିଦିନ ସମୃଦ୍ଧିର ଦେବୀ ମା'ଲକ୍ଷ୍ମୀଙ୍କୁ ଗଜ ବାହନ ସହିତ ପୂଜା କରା ଯାଇଥାଏ। କୁମାର ପୂର୍ଣ୍ଣିମା ଆମ ଉତ୍କଳର ଏକ ବିଶେଷ ପର୍ବ ଏବଂ ଆମର ଗର୍ବ ଓ ଗୌରବ।



**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୫୩୪୩୪୬

## ମତାମତ

- ଏଥର 'କବିତା' ସ୍ତମ୍ଭରେ ପ୍ରକାଶିତ କବିତାଗୁଡ଼ିକ ପଢ଼ି ଭଲ ଲାଗିଲା।
  **–ସୁନୟନା ସାହୁ, ଢେଙ୍କାନାଳ**
- 'ଶୃଙ୍ଖଳା ଶିକ୍ଷା' ବିଷୟ ପଢ଼ି ଅନେକ ନୂଆ କଥା ଜାଣିବାକୁ ମିଳିଲା।
  **–ଅନନ୍ୟା ଦାସ, ରାଉରକେଲା**
- ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହୋଇଛି।
  **–ରଜତ କୁମାର ନାୟକ, ସୁନାବେଡ଼ା**
- 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରୁ ଆଶ୍ଚର୍ଯ୍ୟଜନକ କଥା ଜାଣିହେଉଛି।
  **–ପ୍ରଦୀପ ନାଥ, କେନ୍ଦ୍ରାପଡ଼ା**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ଦଶହରା ଛୁଟି। ପିଲାଙ୍କ ପାଇଁ ବହୁ ଅପେକ୍ଷିତ ଛୁଟି। ଦେବୀ ଦେଖିବା ମଣ୍ଡପ ବୁଲିବା ସହିତ ମନ ପସନ୍ଦର ଖିଆପିଆ କରିବାର ପ୍ରସ୍ତୁତିରେ ଲାଗିପଡିଲେଣି ପିଲାମାନେ। କାହାର କାହାର ପରୀକ୍ଷା ବି ସରିଯାଇଛି ଏ ଭିତରେ। ତେବେ ଦଶହରାରେ ଏଥର କିଏ କଣ କରିବ ସେ ସମ୍ପର୍କରେ ପିଲାମାନେ ଯାହା କୁହନ୍ତି...



# ଏଥର ଦଶହରାରେ..

ଆଶ୍ୱିନ ମାସରେ ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ପୂଜା କରାଯାଇଥାଏ। ଏଥିପାଇଁ ସହର, ପୁରପଲ୍ଲୀ ଚାରିଆଡ଼ ଉତ୍ସବ ମୁଖର। ପୁରାଣ ଅନୁସାରେ ଦଶହରାରେ ପ୍ରବଳ ପ୍ରତାପୀ ମହିଷାସୁରକୁ ବଧକରି ଧର୍ମ ସ୍ଥାପନ କରିଥିଲେ ମା' ଦୁର୍ଗା। ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକଭାବେ ଏହି ପର୍ବ ପାଳନ କରାଯାଏ। ପୂଜାପାଇଁ ଏବେ ଚାରିଆଡ ଉତ୍ସବମୁଖର। ଭଳିକି ଭଳି ତୋରଣରେ ସଜା ହୋଇଛି ମଣ୍ଡପ। ବିରାଜିତ ହୋଇଛନ୍ତି ଶକ୍ତିମୟୀ ମା' ଦୁର୍ଗା। ଦଶହରା ପାଇଁ ଏବେ ସ୍କୁଲ ବି ଛୁଟି। ତେଣୁ ଛୁଟି କିପରି କଟାଇବାକୁ ମନସ୍ଥ କରିଛନ୍ତି ସେ ବିଷୟରେ କେତେକ ପିଲା ଯାହା କହନ୍ତି....

## ଏଥର ଭସାଣି ଦେଖିବି

ପ୍ରତିବର୍ଷ ପରି ଏ ବର୍ଷ ଦୁର୍ଗାପୂଜାକୁ ବେଶ୍ ଆଗ୍ରହର ସହ ଅପେକ୍ଷା କରିଥିଲି। ଯେହେତୁ କଟକରେ ରହୁଛି, ଏଠାରେ ପୂଜା ମାହୋଲ ଅଲଗା ପ୍ରକାରର। ଚାଲି ଚାଲି ଦେବୀ ଦର୍ଶନ କରିବାର ମଜା ନିଆରା। ଇତିମଧ୍ୟରେ ମୁଁ କେତେକ ପୂଜା ମଣ୍ଡପ ବୁଲି ସାରିଲିଣି। କିନ୍ତୁ ବିଶେଷ ଭାବରେ ଅପେକ୍ଷା କରିଥାଏ ଭସାଣିକୁ। ମା'ଙ୍କ ମେଢ଼ ପଛକୁ ପଛ ପ୍ରସେସନ କରି ଯିବାର ଦୃଶ୍ୟ ବେଶ୍ ମନୋଲୋଭା। ପ୍ରତିବର୍ଷ ଭସାଣିକୁ ମନଭରି ଉପଭୋଗ କରିଥାଏ। ପୁରୀଘାଟ ପାଖରେ ଦେବୀଗଡ଼ା ପାଲଟିଯାଏ ଯେମିତି ଜନସମୁଦ୍ର। ସେହି ଗହଳିରେ ମା'ଙ୍କ ଭସାଣିକୁ ଉପଭୋଗ କରିବି।

***–ଇତିଶ୍ରୀ ସାହୁ,*** *କ୍ଲାସ୍–୭,*
*ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,*
*ତୁଳସୀପୁର, କଟକ*



## ସଫେଇ କାର୍ଯ୍ୟକ୍ରମ ଯୋଜନା ରହିଛି

ଏଥର ଦୁର୍ଗାପୂଜାକୁ ସ୍ମରଣୀୟ କରିବାକୁ ଆମେ କେଇଜଣ ସାଙ୍ଗ ସ୍ଥିର କରିଛୁ। ଏବେ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଆମେ ସବୁ ଏକାଠି ହୋଇ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛୁ। ପୂଜାମଣ୍ଡପ ବାହାରେ ବିଭିନ୍ନ ପ୍ରକାର ଦୋକାନ ବଜାର ପଡ଼ିଥାଏ। ସେହି ଜାଗାଗୁଡିକର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛୁ। ବୁଲି ବୁଲି ଅନେକ ପୂଜା ସ୍ଥାନକୁ ପରିଷ୍କାର ରଖୁଛୁ। ତା'ସହ ଏ ନେଇ ସଚେତନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦେଉଛୁ। କିଛି ସପ୍ତାହ ପୂର୍ବରୁ ମୋର କେତେଜଣ ସାଙ୍ଗଙ୍କୁ ମୁଁ ମୋର ଏଭଳି କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲି। ସେମାନେ ବେଶ୍ ଉତ୍ସୁକତାର ସହ ମୋତେ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ଏଥର ଦୁର୍ଗାପୂଜା ମୋ ପାଇଁ ନିଶ୍ଚୟ ସ୍ମରଣୀୟ ହୋଇ ରହିବ।

***–କୃପା ଶକ୍ତି,*** *କ୍ଲାସ୍–୧୦,*
*ପ୍ରଭୁଜୀ ଇଂରାଜୀ ମିଡିୟମ*
*ସ୍କୁଲ, ଭୁବନେଶ୍ୱର*



## କଟକ–ଭୁବନେଶ୍ୱରରେ ଦଶହରା ବୁଲିବି

ପ୍ରତିବର୍ଷ ଦୁର୍ଗାପୂଜାରେ ମୁଁ ଭୁବନେଶ୍ୱରରେ ରହୁଥିବା ମୋ ସାଙ୍ଗ ଘରକୁ ଯାଇଥାଏ। ସେଠାରେ ଆମେ ବୁଲାବୁଲି କରୁ। ଏପରି କି ଭସାଣି ଶେଷ ହେଲେ ମୁଁ ପୁରୀ ଫେରିଥାଏ। ଏ ବର୍ଷ ମଧ୍ୟ ଭୁବନେଶ୍ୱରରେ ଦୁର୍ଗାପୂଜାର ମଜା ନେବି। କେବଳ ସେତିକି ନୁହେଁ, ଶୁଣିଛି, ଦୁର୍ଗାପୂଜା ସାଜସଜ୍ଜା ପାଇଁ କଟକର ସ୍ୱତନ୍ତ୍ରତା ରହିଛି। ସେଠାରେ ସୁନାଚାନ୍ଦି ମେଢ଼ ବେଶ୍ ଆକର୍ଷଣୀୟ। ତେଣୁ ଭୁବନେଶ୍ୱର ସହିତ କଟକ ମଧ୍ୟ ବୁଲିବାକୁ ଯିବି। ତା'ପରେ ଘରେ ପିଠାପଣା ହେବ। ଏଥର ଦଶହରାରେ ଆମେ କେତେଜଣ ସାଙ୍ଗ ଏକାଠି ହୋଇ ଭୋଜି କରିବାକୁ ସ୍ଥିର କରିଛୁ। ସାଙ୍ଗମାନଙ୍କ ସହ ଦଶହରା ବୁଲା ମୋତେ ବେଶ୍ ଆନନ୍ଦ ଦେଇଥାଏ। ବିଶେଷଭାବରେ ଏଠାକାର ଭସାଣି ଦେଖିବାକୁ ସ୍ଥିର କରିଛି।



***–ଅରୋଶିଖା ମହାପାତ୍ର,***
*୮ମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡ଼ାବଜାର, ପୁରୀ*


## ଦଶହରା ମୋ ପାଇଁ ସ୍ମରଣୀୟ

ସବୁବର୍ଷ ଦଶହରା ମୋ ପାଇଁ ସ୍ମରଣୀୟ ହୋଇ ରହିଥାଏ। କାରଣ ଦୁର୍ଗାପୂଜାରେ ମୁଁ ପ୍ରତିବର୍ଷ କଟକ ଯାଏ। ଯେହେତୁ ଦୁର୍ଗାପୂଜା ଅବସରରେ ସ୍କୁଲ ସବୁ ଛୁଟି ହୋଇଯାଏ ତେଣୁ ମୁଁ ଷଷ୍ଠୀ ପୂର୍ବରୁ କଟକ ଆସିସାରିଛି। କେବଳ ମୁଁ ନୁହେଁ, ଆମ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ଆସିଛୁ। ଏବେ ତ ଦୁର୍ଗାପୂଜା ଚାଲିଛି। ତେଣୁ ବୁଲି ବୁଲି ମଣ୍ଡପରେ ଦେବୀ ଦର୍ଶନକରି ତାଙ୍କର ଆଶୀର୍ବାଦ କାମନା କରୁଛି। ବିଶେଷଭାବରେ ସନ୍ଧ୍ୟା ସମୟରୁ ବୁଲିବା ଆରମ୍ଭ ହୋଇଯାଉଛି। ବୁଲି ବୁଲି ଦେବୀ ଦେଖିବା ସହ ମେଲୋଡି କାର୍ଯ୍ୟକ୍ରମର ମଧ୍ୟ ମଜା ନେବି। କେତେକ ସ୍ଥାନରେ ଭଜନ ସମାରୋହ ମଧ୍ୟ ହେଉଛି। ପ୍ରତିବର୍ଷ ମୁଁ ଭସାଣି ବେଳେ ପୁରୀଘାଟରେ ରହି ତାହାକୁ ଉପଭୋଗ କରିଥାଏ। ଦୁର୍ଗାଙ୍କର ସୁସଜ୍ଜିତ ମେଢ଼ ପଛକୁ ପଛ ପ୍ରସେସନ କରି ବିସର୍ଜନ ସ୍ଥଳୀକୁ ଯିବାର ଦୃଶ୍ୟ କେତେ ମନୋହର ଆଉ ସ୍ମରଣୀୟ ତାହା ଅନୁଭବୀ ହିଁ ଜାଣେ। ତେଣୁ ପ୍ରତିବର୍ଷ କଟକରେ ମୁଁ କଦାପି ଭସାଣି ଉତ୍ସବକୁ ମିସ୍ କରି ନ ଥାଏ।



***–ଅର୍କଜ୍ୟୋତି ପ୍ରଧାନ,*** *କ୍ଲାସ୍–୧୦,*
*ଡିଏଭି ପବ୍ଲିକ ସ୍କୁଲ, ଇଫ୍‌କୋ, ପାରାଦୀପ*





## ଆସିଅଛି ଦୁରୁଗାପୂଜା

ଆସିଅଛି ଦୁରୁଗାପୂଜା
ସାଥେ ଘେନି ହସଖୁସି ଓ ମଜା
ମାସ ଆଶ୍ୱିନରେ ଶୁଭ୍ର ଶରତରେ
ଆରାଧିତା ହୁଅନ୍ତି ଦଶଭୁଜା ।
କରିବାକୁ ପାପର କ୍ଷୟ
ଅସତ୍ୟ ଉପରେ ସତ୍ୟର ଜୟ
ବଧିଥିଲେ ପରା ମହିଷାସୁରକୁ
ହୋଇ ବିବସନା ତେଜି ସେ ଲଜ୍ଜା ।
ରୋକିବାକୁ ଅପସଂସ୍କୃତି
ଦୂର ପାଇଁ ଅନାଚାର ଅନୀତି
ପୂଜା ଓଷା ବ୍ରତ ପ୍ରଥା ପ୍ରଚଳିତ
ମାର୍ଜିତ କରେ ଯା ଜୀବନଚର୍ଯ୍ୟା ।
ବଳି ପ୍ରଥା କରି ବର୍ଜନ
ଷଡ଼ ରିପୁ ଆମେ କଲେ ଦମନ
ଜୀବେ ଦୟା ଭଲ ପାଇବା ବାଣ୍ଟିଲେ
କରୁଣା କରିବେ ମାଆ ଗିରିଜା ।

**– ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

## ମାଆ

ସ୍ୱର୍ଗରାଜ୍ୟ ସୁଖ ତ୍ୟାଗକରି ମାଆ
ଆସିଛ ମରତ ଧାମକୁ
ଧରାରୁ ଦୁର୍ଦ୍ଦଶା ଘୁଞ୍ଚାଇ ସାର୍ଥକ
କର ନିଜ ଦୁର୍ଗା ନାମକୁ ।
ଉପାସକ ଯିଏ ଜାଣିପାରେ ସିଏ
କେତେ ଶକ୍ତି ତୁମ ନାମରେ
କୃପାକଲେ ତୁମେ ଭକତ ସଫଳ
ହୁଏ ପରା ସବୁ କାମରେ ।
ନାରୀ ନିର୍ଯାତନା ଶେଷ ହୋଇଯାଉ
ଆଦେଶ କରନ୍ତୁ ପ୍ରଦାନ
ଧର୍ଷଣକାରୀକୁ ଅବିଳମ୍ବେ ମାଆ
ପଠାଅ ଶମନ ଭୁବନ ।
ଘରେ ଘରେ ସୁଖ ଶାନ୍ତି ଭରିଯାଉ
ତୁମ ଶୁଭାଶିଷ ବରରେ
ମଥାନତ ହୋଇ ପ୍ରଣାମ କରୁଛି
ଶାରଦୀୟ ଅବସରରେ ।

**– ଜଗଦୀଶ ସାହୁ**
ସଂଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

## ଆସ ମା' ଶାରଦା

ଆସ ମା' ଶାରଦା ଆସ ଅବତରି
ଏ ସୁନ୍ଦର ଧରା ଧାମକୁ
ସବୁଜ ସମ୍ଭାରେ ସଜାଇ ରଖିଛି
ଧରି ଏ ଶରତ ଋତୁକୁ ।
ଉଦୟ ରାଗରେ ମଙ୍ଗଳ ମହୁରୀ
ବଜାଇ ବିହଙ୍ଗ କଣ୍ଠେ
ସୁରଭିତ ପୁଷ୍ପେ ବନ୍ଦାପନା କରି
ସ୍ୱାଗତ କରୁଛି ତୋତେ
ଓହ୍ଲାଇ ଆସ ମା' ଦଶଭୁଜା ଦୁର୍ଗା
ନାଶ ଏ ଧରାର ପାପକୁ ।
ତୁମେ ଜଗତର ମଙ୍ଗଳମୟୀ ମା'
ତୁମେ ତ କରୁଣାମୟୀ
କରେ ନିରାଜନା ପୂଜା ଅରଚନା
ଭକତି ଗୀତିକା ଗାଇ
ତୁମରି ଆଶିଷେ ହସି ଉଠୁ ଧରା
ଗାଇ ସଦା ତୁମ ନାମକୁ ।

**– ରତ୍ନପ୍ରଭା ବାଇ**
ତାଳଚେର ଟାଉନ, ଅନୁଗୁଳ
ମୋ: ୯୩୩୭୯୭୨୭୪୯

## ଏଥରର

- କେଉଁ ଶିଖ୍ ଗୁରୁ 'ଅକାଳ ତଖ୍ତ' ସ୍ଥାପନ କରିଥିଲେ ?
- ଆଗ୍ରାରେ ଥିବା ରାଧାସ୍ୱାମୀ ସତ୍‌ସଙ୍ଗର ସ୍ଥାପନ କିଏ କରିଥିଲେ ?
- କେଉଁ ଭାଷାର ପ୍ରଚାର ପ୍ରସାର ନିମନ୍ତେ ଏନ୍. ଗୋପାଳସ୍ୱାମୀ କମିଟି ଗଠନ ହୋଇଥିଲା ?
- କେଉଁ ମୋଗଲ ସମ୍ରାଟଙ୍କ ଶାସନ ସମୟରେ ମୋଗଲ ପେଣ୍ଟିଂ ଅଧିକ ପ୍ରସାରଲାଭ କରିଥିଲା ?
- ରାଜସ୍ଥାନ ଅଲୱାର ନିକଟରେ ଥିବା ଏକ ଗାଁର ଗୋଟିଏ ସଙ୍ଗଠନ 'ତରୁଣ ଭାରତ ସଂଘ' କ'ଣ ପାଇଁ ଲୋକପ୍ରିୟତା ହାସଲ କରିଛି ?

## ଗତଥରର ଉତ୍ତର

- ଯୋଶେଫ ଷ୍ଟାଲିନ୍
- ୧୯୨୯ରୁ ୧୯୩୯ ପର୍ଯ୍ୟନ୍ତ
- କୋଣାର୍କର ସୂର୍ଯ୍ୟମନ୍ଦିର
- ଲିଓନାର୍ଡୋ ଦା ଭିନ୍ସିଙ୍କର ଏକ ପେଣ୍ଟିଂ
- ଜମ୍ମୁ ଓ କଶ୍ମୀରର



## କହିଲ ଦେଖି




ଅଗ୍ନିରୁ ସମ୍ଭୂତା ହେଲେ ଦଶଭୁଜା,
ଆଶ୍ୱିନ ଶୁକ୍ଳରେ ପଡ଼େ ତାଙ୍କ ପୂଜା,
ଦାନବ ବଧିଲେ ସିଏ,
ସବୁଠାରେ ଏହି ପୂଜା ଅନୁଷ୍ଠିତ
ନାଆଁଟି କହିବ କିଏ ?

**ଉତ୍ତର– ଦଶହରା ବା ଦୁର୍ଗାପୂଜା**



ଅତି ଭୟଙ୍କର ଦୁଷ୍ଟ ସେ ଅସୁର
ଥର ହର କରିଦେଲା ତିନି ପୁର
ମଇଁଷି ତାହାର ବାହନ,
ଦଶଭୁଜା ଦେବୀ ଅସ୍ତ୍ରଶସ୍ତ୍ର ନେଇ
ତାହାକୁ ବଧିଲେ କରିକି ଲଢ଼େଇ
ଏ ଅସୁର ନାମ କହନ୍ତୁ ।

**ଉତ୍ତର– ମହିଷାସୁର**



ତାଙ୍କୁ ପୂଜା କଲେ ଧନରତ୍ନ ମିଳେ,
ପୂଜା ଆଶ୍ୱିନର ପୂର୍ଣ୍ଣିମା ବେଳେ ।
ଏଥର ପୂଜିତ ଚତୁର୍ଦ୍ଦଶୀ ତିଥି,
ବାହନ ତାଙ୍କର ପଶୁ ମହାରଥୀ,
କିଏସେ ମାଆ, ହୁଅନ୍ତି ସାହା ।

**ଉତ୍ତର – ଲକ୍ଷ୍ମୀ ପୂଜା**



ଏପର୍ବ କୁମାରୀ କରନ୍ତି ପାଳନ,
ପାଇବେ ସୁନ୍ଦର ବର ଧନ ଜନ ।
ଶିବ ପାର୍ବତୀଙ୍କ ପ୍ରଥମ ସନ୍ତାନ,
ଆଶ୍ୱିନ ପୂର୍ଣ୍ଣିମା ଦିନରୁ ପୂଜନ ।
ଏ ଉତ୍ସବ ନାଆଁ କୁହ,
ପ୍ରଭୁଙ୍କ ଆଶିଷ ପାଅ ।

**ଉତ୍ତର – କୁମାର ଉତ୍ସବ**

**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୯୩୫୫୯



# କବିତା

## ମଣ୍ଡପରେ ମେଢ଼ ହସଇ

ଆକାଶରେ ନାହିଁ ବାଦଲ
ଢାଙ୍କିଦେଇ ଧୋବ ଚାଦର
ରଚଇ ଖେଳ
ମରତ ରାଣୀ ଓ ଶୁଭ୍ର ଶରତର
ସରସ ମେଳ ।
ଅଳପ ଅଳପ ଛିଞ୍ଚୁଛି
କାଶତା ଚାମର ବିଞ୍ଚୁଛି
ପୋଖରୀ ଜଳ
ମୁହଁ ଦିଶିଯାଏ ଦରପଣ ପରି
କି ନିରିମଳ !
ନାହିଁ ପଚପଚ କାଦୁଅ
ସରସୀରେ ନାଚେ ପଦୁଅଁ
ଆସ ମୁନା ଟିକିନା ରାଜା
ବାଜୁଅଛି ତେଲିଙ୍ଗିବାଜା
ମଣ୍ଡପରେ ମେଢ଼ ହସଇ
ଝିଲିମିଲି ରଙ୍ଗ ଦିଶଇ
ଦୁରୁଗା ମାଆ
ଆତୁର ଭକତେ କରୁଣା ବିତରି
ହୋଇବେ ସାହା ।

**–ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା
ମୋ: ୯୦୯୦୩୩୦୮୫୯

## ଆସ ମହାଲକ୍ଷ୍ମୀ

ବରଷକ ଥରେ ଆସୁଛ ଓହ୍ଲାଇ
ଉଲ୍ଲୁକ ବାହାନ ଚଢ଼ି,
ତୁମରି ପାଦରେ ଲାଗିବା ପାଇଁକି
ଫୁଟିଲାଣି ଫୁଲକଢ଼ି ।
ପଦୁଅଁ ଫୁଲରେ ଶରଧା ବୋଳିତ
ହାତେ ତୁମ ପାଏ ଶୋଭା,
ଦେଖିଦେଲେ ଥରେ ତୁମ ରୂପ ଛବି
ଲାଗେ ପରା ମନଲୋଭା ।
ପୂଜା ମଣ୍ଡପ ତ ହୋଇଲାଣି ସଜା
ଚଉଦିଗେ କୋଳାହଳ,
ସବୁରି ଭିତରେ ତୁମ ଆଖି ପରା
ଦିଶିଲାଣି ଜଳଜଳ ।
ଆସ ଆସ ମାତା ବିଷ୍ଣୁଙ୍କ ଘରଣୀ
କରୁଛୁ ତ ନିବେଦନ,
ତୁମରି ଛୁଆଁରେ ଏ ମାଟିରେ ଭରୁ
ସୁଖଶିରୀ ଧନଜନ ।

**– ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## ପୂନେଇଁ ଜହ୍ନ କିଣିବ ମନ

ଜହ୍ନିଫୁଲ ଜକ ଜକ
ଶେଫାଳିର ବାସ
ନଈପଠାଧାରେ ଝୁଲି
ନାଚିଯାଏ କାଶ ।
ଶରତର ଶେଷରାତି
ପୂନେଇଁର ଜହ୍ନ
କିଣିନିଏ ହସଭରା
କୁଆଁରୀର ମନ ।
ଆକାଶେ ଉଇଁବ ଜହ୍ନ
ଝଲସିବ ରାତି
ନାଚ ଗୀତ ହରଷରେ
ଝିଅ ଯିବେ ମାତି ।
ଚାହିଁଥିଲେ ସେ ସୁଯୋଗ
ଦେବ ହାତେ ଧରା
ହସ ଖୁସି ସୁଖ ଶାନ୍ତି
ହେବ ମନେ ଭରା ।
ବୋହୂଚୋରି ଖେଳ ଖେଳି
ଗାଇଯିବେ ଗୀତ
କୁଆଁପୁନେଇଁ ରାତି
କୁଆଁରୀର ମିତ ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

# କାର୍‌ବିହୀନ ସହର

ଏପରି କୌଣସି ସହର ନାହିଁ, ଯେଉଁଠି କାର୍ ଦେଖିବାକୁ ମିଳି ନ ଥାଏ । ଆଜିକାଲି ଗମନାଗମନର ଅନ୍ୟତମ ସହଜ ମାଧ୍ୟମ ପାଲଟିଛି କାର୍ । ତା'ସହ ବଜାରରେ ଅନେକ ପ୍ରକାର ତଥା ଅତ୍ୟାଧୁନିକ ସୁବିଧା ଉପଲବ୍ଧ ଥିବା କାର୍ ମିଳୁଛି । ସେହି ଅନୁସାରେ ସେଗୁଡ଼ିକର ଦାମ୍ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ । କିନ୍ତୁ ରୁଷିଆରେ ଏଭଳି ଏକ ସହର ଅଛି, ଯେଉଁଠି କାର୍ ରଖିବା ଉପରେ ପ୍ରତିବନ୍ଧକ ଲଗାଯାଇଛି । ତେଣୁ ଏହି ସହରରେ ଗୋଟିଏ ହେଲେ କାର୍ ରାସ୍ତା ଉପରେ ଦେଖିବାକୁ ମିଳି ନ ଥାଏ । ଉକ୍ତ ସହରଟିର ନାମ ହେଲା କାଜାନ୍ । ଏଠାକାର ପ୍ରଶାସନର ଏଭଳି ଅଦ୍ଭୁତ ନିୟମକୁ ମଧ୍ୟ ସ୍ଥାନୀୟ ଲୋକମାନେ ଗ୍ରହଣ କରିନେଇଛନ୍ତି । ପ୍ରଦୂଷଣକୁ ନିୟନ୍ତ୍ରଣକୁ ଆଣିବା ଲାଗି ଏଭଳି ନିୟମ ପ୍ରଣୟନ କରାଯାଇଛି । ତେବେ ଏଠାରେ ଲୋକେ ଯାତୟାତ ଲାଗି ପ୍ରାୟ ସାଇକେଲ୍ ବ୍ୟବହାର କରୁଛନ୍ତି ।







# ସର୍ବାଧିକ କପା ଉତ୍ପାଦନକାରୀ ରାଜ୍ୟ

କପା ଭାରତର ଅର୍ଥ ବ୍ୟବସ୍ଥାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ଦେଶର କପଡା ଉଦ୍ୟୋଗ ପାଇଁ କଞ୍ଚାମାଲ ଯୋଗାଇବାରେ ସାହାଯ୍ୟ କରିଥାଏ । ଏହା ଲକ୍ଷ ଲକ୍ଷ ଲୋକଙ୍କର ରୋଜଗାରର ମାଧ୍ୟମ ହୋଇଥାଏ । କପାବୃକ୍ଷରୁ ତେଲ, ମଞ୍ଜି ଏବଂ ଖାଦ୍ୟ ପଦାର୍ଥ ଆଦି ଅନ୍ୟ ଉତ୍ପାଦ ପ୍ରସ୍ତୁତ ମଧ୍ୟ ହୋଇଥାଏ । ଏହି ଚାଷ ଜଳବାୟୁ ପରିବର୍ତ୍ତନ ଏବଂ ପୋକ ଆକ୍ରମଣ ଲାଗି ପ୍ରଭାବିତ ହୋଇଥାଏ । ଭାରତ ହେଉଛି ବିଶ୍ୱର ଦ୍ୱିତୀୟ କପା ଉତ୍ପାଦନକାରୀ ଦେଶ । ତେବେ ଆମ ଦେଶର ଅନ୍ୟ ରାଜ୍ୟ ତୁଳନାରେ ମହାରାଷ୍ଟ୍ରରୁ ହିଁ ସର୍ବାଧିକ କପା ଉତ୍ପାଦନ ହୋଇଥାଏ । କାହିଁକି ନା ଏଠାକାର କଳାମାଟି କପା ଉତ୍ପାଦନ ପାଇଁ ବେଶ୍ ଉପଯୋଗୀ । ଏହାବ୍ୟତୀତ ଗୁଜରାଟ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶରୁ ମଧ୍ୟ ପ୍ରଚୁର ପରିମାଣରେ କପା ଉତ୍ପାଦନ ହୋଇଥାଏ ।

# ସ୍ମରଣଶକ୍ତି ଥିବା ପକ୍ଷୀ

ପକ୍ଷୀମାନଙ୍କର ସୁନ୍ଦରତା ପ୍ରାୟ ସମସ୍ତଙ୍କୁ ଆକର୍ଷିତ କରିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଏମିତି ଏକ ପକ୍ଷୀ ଅଛି, ଯିଏକି ମନୁଷ୍ୟ ପରି ବେଶ୍ ବୁଦ୍ଧିମାନ୍ । ଏଭଳି ନିଆରା ପକ୍ଷୀଙ୍କର ମସ୍ତିଷ୍କ ପ୍ରଖର ଭାବରେ କାମ କରିଥାଏ । ସବୁ ପକ୍ଷୀଙ୍କର ଅଲଗା ଅଲଗା ବିଶେଷତ୍ୱ ରହିଛି । ତେବେ ନିଜର ତୀକ୍ଷ୍ଣ ସ୍ମରଣ ଶକ୍ତି ପାଇଁ ଏହି ପକ୍ଷୀ ପ୍ରସିଦ୍ଧ । ଚିକିଡ଼ି ନାମକ ଏହି ପକ୍ଷୀ ଅଧିକ ପରିମାଣରେ ଉତ୍ତର ଆମେରିକାରେ ଦେଖାଯାଆନ୍ତି । ଏହି ପକ୍ଷୀଟିର ରଙ୍ଗ କଳା ଏବଂ ଧଳା । ବିଶେଷଭାବରେ ଶୀତଦିନେ ଏମାନେ ନିଜ ଖାଦ୍ୟକୁ ଏଭଳି ସ୍ଥାନରେ ଲୁଚାଇ ରଖନ୍ତି, ଯାହାକୁ ଅନ୍ୟ ପକ୍ଷୀ ଯେତେ ଖୋଜିଲେ ମଧ୍ୟ ପାଇପାରନ୍ତି ନାହିଁ । କିନ୍ତୁ ଚିକିଡ଼ି ପକ୍ଷୀ ଲୁଚାଯାଇଥିବା ଖାଦ୍ୟକୁ କିଛି ଦିନ ବ୍ୟବଧାନ ପରେ ମଧ୍ୟ ବେଶ୍ ଚତୁରତାର ସହ ଠାବ କରିଥାଏ । ଏଥିପାଇଁ ତାହାର ତୀକ୍ଷ୍ଣ ସ୍ମରଣ ଶକ୍ତି ହିଁ ଦାୟୀ । ଏଭଳି ପକ୍ଷୀମାନଙ୍କ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ କଲମ୍ବିଆ ବିଶ୍ୱବିଦ୍ୟାଳୟର ପକ୍ଷୀ ବିଶେଷଜ୍ଞମାନେ ଗବେଷଣା କରିଥିଲେ ।




# ଯାହାର ଜିଭ ରଙ୍ଗ ନୀଳ



ବିଶ୍ୱରେ ପ୍ରାୟ ଲକ୍ଷେରୁ ଅଧିକ ପ୍ରଜାତିର ଜୀବଜନ୍ତୁ ଦେଖିବାକୁ ମିଳନ୍ତି । କିନ୍ତୁ ଏଠାରେ ଆପଣଙ୍କୁ ଏମିତି ଏକ ଜୀବର ସୂଚନା ଦେଉଛୁ, ଯାହାର ଜିଭ ରଙ୍ଗ ନୀଳ ଏବଂ ଦେଖିବାକୁ ଭାରି ଭୟଙ୍କର । ଏହା ହେଉଛି ଏକ ଝିଟିପିଟି, ଯାହାର ଲମ୍ବ ପ୍ରାୟ ୨ଫୁଟ୍ । ଏହି ଝିଟିପିଟିଟି ତା' ଜିଭକୁ ବିଭିନ୍ନ ଉପାୟରେ ବ୍ୟବହାର କରିଥାଏ । ଉକ୍ତ ଝିଟିପିଟିକୁ ସ୍କିଙ୍କ୍ ବୋଲି ମଧ୍ୟ କୁହାଯାଏ । ଏମାନେ ସାଧାରଣତଃ ୩୦ବର୍ଷ ପର୍ଯ୍ୟନ୍ତ ଜୀବିତ ରୁହନ୍ତି । ଏମାନଙ୍କ ରଙ୍ଗ ହଳଦିଆ, ଲାଲ୍ ଏବଂ ଅନ୍ୟ କେତେକ ରଙ୍ଗର ମଧ୍ୟ ରହିଛି । ଯଦି ଆପଣ ଏହି ଝିଟିପିଟିର ମୁହଁ ଦେଖିବେ, ତେବେ ଆପଣଙ୍କୁ ସାପର ଭ୍ରମ ସୃଷ୍ଟି ହେବ । ଏଭଳି ଝିଟିପିଟିଙ୍କର ବାସସ୍ଥଳୀ ହେଲା ବୁଦାମୂଳ । ସାଧାରଣତଃ ଅଷ୍ଟ୍ରେଲିଆ, ନ୍ୟୁ ଗୁଆନା ଏବଂ ଇଣ୍ଡୋନେସିଆରେ ଏଭଳି ପ୍ରଜାତିର ଝିଟିପିଟି ଅଧିକ ଦେଖିବାକୁ ମିଳିଥା'ନ୍ତି ।

# ଆ ଇ ନା



ପ୍ରୀୟାଶା ଜେନା
୫ ବର୍ଷ/ଭୁବନେଶ୍ୱର



ଆରିକା ମହାପାତ୍ର
୧୦ ବର୍ଷ/ବାରିପଦା